**PRESS MONITOR**

Publication : The Sanchar
Edition : Bhubaneswar
Date : September 28, 2016

---

**Headline:** HSIL expands Consumer Business Division with the launch of moonbow Water Purifiers

# ଏଚ୍‌ଏସ୍‌ଆଇଏଲ୍‌ର ମୁନ୍-ବୋ ୱାଟର ପ୍ୟୁରିଫାଏର୍




ହାଇଦ୍ରାବାଦ୍ : ସାନିଟାରୀ ଉତ୍ପାଦ କ୍ଷେତ୍ରରେ ଦୀର୍ଘ ୫୬ ବର୍ଷ ଧରି କାରବାର ଜାରୀ ରଖିଥିବା କମ୍ପାନୀ ଏଚ୍‌ଏସ୍‌ଆଇଏଲ୍ ପକ୍ଷରୁ ଏହାର ବ୍ୟବସାୟିକ ନେଟ୍‌ୱାର୍କ ସମ୍ପ୍ରସାରଣ ନିମନ୍ତେ ମୁନ୍-ବୋ ୱାଟର ପ୍ୟୁରିଫାଏର୍‌ର ୫ଟି ମଡେଲ୍‌ର ବଜାର ପ୍ରବେଶ କରାଯାଇଛି। ଓସିନସ୍ ପ୍ରିମିୟମ୍, ଓସିନସ୍, ଆକେଇସ୍ ପ୍ରିମିୟମ୍, ଆକେଇସ୍ ଏବଂ ଇଡିଲି ପ୍ରଭୃତି ମଡେଲ୍ ଗ୍ରାହକଙ୍କୁ ବିଶେଷ ଆକର୍ଷିତ କରିପାରିବ। ଏହି ମଡେଲ ଗୁଡିକର ମୂଲ୍ୟ ୧୨,୯୯୦ ଟଙ୍କା ରୁ ୨୬,୯୯୦ଟଙ୍କା ମଧ୍ୟରେ ରହିଛି। ଗତ କିଛି ବର୍ଷ ମଧ୍ୟରେ କମ୍ପାନୀର ଅଭିବୃଦ୍ଧିହାର ୨୦ ପ୍ରତିଶତରେ ପହଞ୍ଚିଥିବାବେଳେ ସମ୍ପ୍ରତି କମ୍ପାନୀର ୱାଟର ପ୍ୟୁରିଫାଏର୍ ବୃହତ୍ ତଥା ମେଟ୍ରୋ ସହରରେ ଉପଲବ୍ଧ ହେବ। ପରବର୍ତ୍ତୀ ସମୟରେ ଏହା ସବ୍ ମେଟ୍ରୋ ତଥା ଦ୍ୱିତୀୟ ଶ୍ରେଣୀ ସହରରେ ଉପଲବ୍ଧ ହେବାର ଯୋଜନା ରହିଛି। କମ୍ପାନୀ ପକ୍ଷରୁ ଇନଷ୍ଟଲେସନ୍, ବିକ୍ରି ପରବର୍ତ୍ତୀ ସେବା, ସୁରକ୍ଷା ସୁବିଧା ପ୍ରଭୃତି ମାଗଣାରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଇଥାଏ। ଏହି ମଡେଲ୍ ଗୁଡିକ୍ ଆରଓ ବେସଡ୍ ଜ୍ଞାନକୌଶଳରେ ନିର୍ମିତ ହୋଇଥିବାବେଳେ ଆଗାମୀ ଦିନରେ କମ୍ପାନୀ ୟୁଭି ଗ୍ରାଭିଟି ବେସଡ୍ ୱାଟର ପ୍ୟୁରିଫାଏର୍ ନିର୍ମାଣ କରିବ। ଆରଓ ବେସଡ୍ ମଡେଲ୍ ହେବା ପ୍ୟୁର ଜ୍ଞାନକୌଶଳରେ ନିର୍ମିତ ହୋଇଥିବାବେଳେ ଏହା ସ୍ୱାସ୍ଥ୍ୟ ଉପଯୋଗୀ ପିଇବା ପାଣି ଉପଲବ୍ଧ କରାଇଥାଏ।

ଏହି ଅବସରରେ ଏଚ୍‌ଏସ୍‌ଆଇଏଲ୍‌ର କଞ୍ଜ୍ୟୁମର ବିଜନେସ୍ ମୁଖ୍ୟ ତଥା ସଭାପତି ଶ୍ରୀ ରାକେଶ କାଉଲ୍ କହିଲେ, "ଯୋଜନାବଦ୍ଧ ଭାବରେ କମ୍ପାନୀ କାର୍ଯ୍ୟ ଧାରା ଜାରୀ ରଖିଥିବାବେଳେ ମୁନ୍-ବୋ ୱାଟର ପ୍ୟୁରିଫାଏର୍ ସମ୍ପୂର୍ଣ୍ଣ ଭାବରେ ଆମର ଆର୍ ଆଣ୍ଡ ଡି ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଛି। ଆଗାମୀ ଦିନରେ ଅଧିକ ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ୱାଟର ପ୍ୟୁରିଫାଏର ନିର୍ମାଣ ନେଇ କମ୍ପାନୀ ଯୋଜନା ପ୍ରସ୍ତୁତ କରିଛି।" କମ୍ପାନୀର ଏହି ମଡେଲ୍ ୨୦୧୬ ଅଗଷ୍ଟରେ ନିର୍ମିତ ହୋଇଥିବାବେଳେ ସମ୍ପ୍ରତି ଦେଶର ୪,୦୦୦ରୁ ଅଧିକ ରିଟେଲ୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ ହେଉଛି। ଏହାଛଡା କମ୍ପାନୀର ଉତ୍ପାଦ ଇ-କମର୍ସ ସାଇଟ୍ ମାଧ୍ୟମରେ ଉପଲବ୍ଧ ହେଉଛି। ଗତବର୍ଷ କମ୍ପାନୀ ପକ୍ଷରୁ ମୁନ୍-ବୋ ୱାଟର ପ୍ୟୁରିଫାଏର୍ ସହିତ ହାଇଣ୍ଡୱେର ଆଟଲାଣ୍ଟିକ୍ ୱାଟର ହିଟରର ବଜାର ପ୍ରବେଶ କରାଇଥିଲା।

ଏଚ୍‌ଏସ୍‌ଆଇଏଲ୍ ମୁଖ୍ୟତଃ ବିଲ୍ଡିଂ ଉତ୍ପାଦ ଏବଂ କଣ୍ଟେନର ଗ୍ଲାସ୍ କାରବାର କରୁଥିବାବେଳେ ସମ୍ପ୍ରତି ସାନିଟାରୀ ଉତ୍ପାଦ, ୱେଲନେସ୍ ଏବଂ ଆଲାଏଡ୍ ଉତ୍ପାଦ ତଥା କଞ୍ଜ୍ୟୁମର ଉତ୍ପାଦ ପ୍ରଭୃତି ଆରମ୍ଭ କରିଛି। ବଜାରରେ ଏହାର ବ୍ରାଣ୍ଡ ହିଣ୍ଡୱେର ଇଟାଲିଆନ୍ କଲେକସନ୍, ହିଣ୍ଡୱେର ଆର୍ଟ, ହିଣ୍ଡୱେର, ଆମୋର୍, ବେଣ୍ଟ ଏବଂ ବେନ୍‌ଲେଭ୍ ବେଶ୍ ପରିଚିତି ହାସଲ କରିପାରିଛି।